# ODM PUBLIC SCHOOL

**SESSION :** ୦୧
**CLASS :** ଚତୁର୍ଥ ଶ୍ରେଣୀ
**SUBJECT :** ଓଡ଼ିଆ
**TOPIC :** ସେମାନେ ଆମ ଭାଇ ଭଉଣୀ
**SUB TOPIC :** ଉପକ୍ରମ ଓ ବିଷୟ ପଠନ

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# ଶୈକ୍ଷିକ ଉଦ୍ଦେଶ୍ୟ

## ପଠନ ଶୈଳୀ ବିଷୟ ରେ ଅବଗତ କରାଇବା




https://youtu.be/c_UgJCG_iyQ

# ଓଡିଶା ର ଆଦିବାସୀ



# ଅସ୍ତ୍ର ଓ ଅଲଙ୍କାର
















# ସେମାନେ ଆମ ଭାଇ ଭଉଣୀ

ODM EDUCATIONAL GROUP
Changing your Tomorrow

କୁଞ୍ଚୁକୁଞ୍ଚିଆ କେତେ ଯେ ପାହାଡ଼ ହାତ ଧରାଧରି ହୋଇ, କାନ୍ଧକୁକାନ୍ଧ ମିଳାଇ ସେମିତି ଠିଆ ହୋଇଛନ୍ତି କେଜାଣି କେତେ କାଳରୁ ! ଆକାଶକୁ ମୁଣ୍ଡଟେକି ପାଚିରୀ ପରି ଠିଆ ହୋଇଥିବା ସେଇ ଉଚ୍ଚାଉଚ୍ଚା ପାହାଡ଼ ଗୁଡ଼ିକର ନାଆଁ ହେଉଛି "ବଣ୍ଡା ପାହାଡ଼"। ସେଇ ପାହାଡ଼ ଉପରେ ସମତଳ ଅଞ୍ଚଳଠାରୁ ବହୁତ ଉଚ୍ଚରେ ବାସ କରନ୍ତି ଆମରି ଭଳି କେତେ ମଣିଷ, ଆଉ କେତେ ଜାତିର ପଶୁପକ୍ଷୀ । ପାହାଡ଼ର ଏତେ ଉଚ୍ଚରେ ଘରଦ୍ୱାର କରି ରହୁଥିଲେ ମଧ୍ୟ ସେଇ ଲୋକମାନେ ଆମଠାରୁ ଭିନ୍ନ ନୁହଁନ୍ତି; କିନ୍ତୁ ସେମାନଙ୍କ ଚାଲିଚଳନ, ପୂଜାପରବ, ବାହାବ୍ରତ ଇତ୍ୟାଦି ଭିନ୍ନ ପ୍ରକାରର। ସେମାନେ ନାଚନ୍ତି, ଗାଆନ୍ତି, ଖେଳନ୍ତି, କେତେ ପ୍ରକାରର ପରବ ପାଳନ୍ତି। ସମତଳ ଅଞ୍ଚଳ ଲୋକେ ସେମାନଙ୍କୁ କହନ୍ତି 'ବଣ୍ଡା'। ଆଗେ ସେମାନେ ଦେହରେ ଖୁବ୍ କମ୍ ଲୁଗାପଟା ପିନ୍ଧୁଥିଲେ। ସେଇଥିପାଇଁ ତାଙ୍କ ସାଙ୍ଗରେ ଏ ବଣ୍ଡା ଶବ୍ଦଟି ଯୋଡ଼ାଯାଇଛି । କିନ୍ତୁ ସେମାନେ ନିଜକୁ କହନ୍ତି 'ରେମୋ'। 'ରେମୋ'ର ଅର୍ଥ ମଣିଷ। କେତେ ସୁନ୍ଦର ଭାବେ ନିଜର ପରିଚୟ ସେମାନେ ଦିଅନ୍ତି । ଏବେ ସେମାନେ ଲୁଗା ପିନ୍ଧିବା ଜାଣିଲେଣି। ହେଲେ ଖୁବ୍ କମ୍ ଲୁଗା ପିନ୍ଧନ୍ତି। ସ୍ତ୍ରୀଲୋକମାନେ ବେକରେ କେତେ ପ୍ରକାର ମାଳି ଝୁଲାଇଥା'ନ୍ତି। ସେମାନେ ସମସ୍ତେ ଆମର ଭାଇଭଉଣୀ। ସେମାନେ ବାସକରନ୍ତି ଆମରି ଓଡ଼ିଶା ପ୍ରଦେଶର ମାଲ୍‌କାନ୍‌ଗିରି ଜିଲ୍ଲାର ବଣ୍ଡା ପାହାଡ଼ରେ।



# ସେମାନେ ଆମ ଭାଇ ଭଉଣୀ





ମାଲ୍‌କାନ୍‌ଗିରି ଆମ ଓଡ଼ିଶାର ଗୋଟିଏ ପାହାଡ଼ିଆ ଜିଲ୍ଲା। ରାଜ୍ୟର ଦକ୍ଷିଣ ସୀମାରେ ଏଇଟି ହେଉଛି ଶେଷ ଜିଲ୍ଲା। ଆଗେ ଏହା ଥିଲା କୋରାପୁଟ ଜିଲ୍ଲାରେ। ଏବେ ଅଲଗା ହୋଇଯାଇଛି ।

ଆଗେ ବଣ୍ଡା ପାହାଡ଼ ଉପରକୁ ଯିବାପାଇଁ ରାସ୍ତା ନ ଥିଲା। ଲୋକମାନେ ପାଦରେ ଚଢ଼ିଚଢ଼ି ଉପରକୁ ଉଠୁଥିଲେ। ଏବେ ପାହାଡ଼ କଟାଯାଇ ରାସ୍ତା ତିଆରି ହେଲାଣି। ଗାଡ଼ି ମଟର ଗଲାଣି। ଜିପ୍‌ରେ ବସି ପାହାଡ଼ ଉପରକୁ ଉଠିବାବେଳେ ମନେହେବ ତୁମେ ଯେମିତି ଉଡ଼ାଜାହାଜରେ ବସିଛ। ତଳକୁ ଚାହିଁଲେ ଆଖି ପାଇବ ନାହିଁ। ଭାବିବ ବଣ୍ଡା ଗାଁ ଗୁଡ଼ାକ କ'ଣ ଆକାଶରେ ଝୁଲୁ ଥାଏ କି ? ତୀଖ ପାହାଡ଼ ଉପରକୁ ଉଠିବା ବାଟରେ ଦୁଇପଟେ ଦେଖିବ ବଡ଼ବଡ଼ ଶାଳ, ପିଆଶାଳ, ଶିଶୁ, ଶାଗୁଆନ, ଅର୍ଜୁନ, ସୁମରି, ଚନ୍ଦନ, କଇଁଆ, ଆମ୍ବ, ପଣସ, କଇଥ, ଏମିତି କେତେ ଜାତିର ଗଛ। ଶିଆଳିଲଟା ଗେହ୍ଲାରେ ଲଟେଇ ଯାଇଥିବ ଏ ଗଛରୁ ସେ ଗଛକୁ। ମଣିଷ ହାତର ପାପୁଲି ଭଳି ଚକାଚକା ପତର ମେଲି ତମକୁ କ'ଣ ଯେମିତି ମାଗୁଥିବ। ସେ ବୋଧେ ମଇତର ବସିବା ପାଇଁ ଚାହୁଁଥିବ। ଗଛ କ'ଣ ଆମର ବନ୍ଧୁ ନୁହେଁ ? ତା' ସାଙ୍ଗରେ ମଇତର ବସିଲେ କ୍ଷତି କ'ଣ ?

ପାହାଡ଼କଟା ରାସ୍ତାରେ ଉପରକୁ ଉଠିବାବେଳେ ଭାରି ଭୟ ଲାଗିବ; କିନ୍ତୁ ସେଇ ବଣ ରାଇଜର ଅପୂର୍ବ ଶୋଭା ଦେଖିଲେ ମନରୁ ଭୟ କେଉଁଆଡ଼େ ଉଭେଇ ଯିବ । ସବା ଉପରେ ପହଞ୍ଚିଲେ ଦେଖିବ ଏଠି ସେଠି ପ୍ରାୟ ୩୦ଟି ବଣ୍ଡା ଗାଁ। ଗାଁ ଗୁଡ଼ିକ ଛୋଟଛୋଟ । ପ୍ରତିଗାଁରେ ଖୁବ୍ ବେଶୀରେ ପଚିଶି ତିରିଶଟି ଲେଖାଁ ଝାଟିମାଟି କାନ୍ଥର ଘର। ସେଗୁଡ଼ିକ ପିରିଘାସରେ ଛପର ହୋଇଛି।

# ସେମାନେ ଆମ ଭାଇ ଭଉଣୀ



ବଣ୍ଡା ଭାଇଭଉଣୀମାନେ ଭାରି ସରଳ ଓ ସ୍ନେହୀ । ସେମାନେ ମିଛ କହନ୍ତି ନାହିଁ । ପର ଜିନିଷରେ ଲୋଭ କରନ୍ତି ନାହିଁ। ଆମେ ତାଙ୍କ ସାଙ୍ଗରେ ମିଶି ପାରିଲେ ସେମାନେ ଡାକନ୍ତି 'ମଇତର। ଚାଲ ବଣ୍ଡା ପାହାଡ଼କୁ ଯିବା। ଆମକୁ ଦେଖି ସେମାନେ ବହୁତ ଖୁସି ହେବେ। ଖାଇବାପାଇଁ ବଣର ଫଳମୂଳ ଆଣି ଥୋଇଦେବେ। ସେଠାକୁ ଥରେ ଗଲେ ମନହେବ ନାହିଁ ଫେରିବାକୁ ।

ଏଇ ଦୂରରୁ କ'ଣ ଢୁଂଢୁଂ ଶବ୍ଦ ଶୁଭୁଛି। ଝୁମ୍‌ଝୁମ୍ ବାଜା ବାଜୁଛି। ପୁଣି ଶୁଭୁଛି ଙ୍ଗୁଂ-ଙ୍ଗୁଂ-ଙ୍ଗଂ-ଙ୍ଗଂ ଜୁଜୁଙ୍ଗ୍ ଉଜୁଙ୍ଗ୍। ବଣ୍ଡା ଝିଅମାନେ ନାଚୁଛନ୍ତି। ଖୁସିରେ ଗୀତ ଗାଉଛନ୍ତି । ସେ ଗୀତର ସ୍ୱର କେତେ ମଧୁର। କ'ଣ ଗୋଟାଏ ପରବ ଚାଲିଛି ପରା। ବଣ୍ଡା ଗାଁରେ ବିଭିନ୍ନପ୍ରକାର ପର୍ବ ପାଳନ କରାଯାଏ। ସେଗୁଡ଼ିକ ହେଉଛି ଦଶରାପରବ, ଦିଆଲିପରବ, ପୁଷପରବ, ମାଘପରବ, ଚଇତିପରବ ଇତ୍ୟାଦି। ପରବ ଦିନରେ ସେମାନେ ଘରଦ୍ୱାର ଲିପି ସଫାସୁତରା କରନ୍ତି। ଏକାଠି ଭୋଜିଭାତ କରି, ନାଚି ଗାଇ ଖୁବ ମଉଜ କରନ୍ତି।

ବଣ୍ଡା ସ୍ତ୍ରୀଲୋକମାନେ ଖୁବ୍ ପରିଶ୍ରମୀ। ଖୁବ୍ ଭୋର୍‌ରୁ ଉଠି କାମକୁ ବାହାରି ଯାଆନ୍ତି। ସେମାନେ ଗାଇ, ଗୋରୁ, ଛେଳି, କୁକୁଡ଼ା, ଘୁଷୁରି ପାଳନ୍ତି। ଧାନ, ମାଣ୍ଡିଆ, କାଙ୍ଗୁ, ଅଳସୀ ଇତ୍ୟାଦି କେତେ ଜାତିର ଫସଲ ଚାଷ କରନ୍ତି। ସେମାନଙ୍କ ଭିତରେ ଖୁବ୍ ଏକତା ଥାଏ। ଗାଁ, ମଝିରେ ଗୋଟିଏ ବଡ଼ ଗଛତଳେ ପଥରର ଚଉତରାଟିଏ ଥାଏ। ତାଆରି ଉପରେ ବସି ଗାଁ'ର ଭଲ ମନ୍ଦ କଥା ଆଲୋଚନା କରନ୍ତି। ନ୍ୟାୟ, ନିଶାପ ବି ହୁଏ।

ବଣ୍ଡା ଲୋକମାନେ ଠାକୁର ଠାକୁରାଣୀଙ୍କୁ ମାନନ୍ତି। ସେମାନେ ନିଜପାଇଁ କେବେ କିଛି ମାଗନ୍ତି ନାହିଁ। ଯାହା ମାଗନ୍ତି ଗାଁର ସମସ୍ତଙ୍କ ପାଇଁ। ଗାଁ ଠାକୁରାଣୀଙ୍କୁ ପୂଜା କଲାବେଳେ କହନ୍ତି, "ମା, ଆମ ଗାଁରୁ ବାଘ, ଭାଲୁ, ସାପ, ରୋଗ ଦୂରେଇ ଯାଉ। ବାପା, ମାଆ, ପିଲାଛୁଆ ଗାଇଗୋରୁ, କୁକୁଡ଼ା, ଛେଳି, ଘୁଷୁରି ସମସ୍ତେ ଭଲରେ ରହନ୍ତୁ। କେହି କଳିଗୋଳ ନ କରୁ। ସମସ୍ତେ ମିଳିମିଶି ଖୁସିରେ ଥାଆନ୍ତୁ।" ସେମାନେ ଜାଣନ୍ତି, ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ। ସମସ୍ତେ ସୁଖରେ ରହିଲେ ହିଁ ଜଣେ ସୁଖରେ ରହିବ। ଶୁଣିଲେ ଖୁସି ହେବ ଯେ, ସେମାନେ ଏବେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କଲେଣି। ସରକାର ମଧ୍ୟ ସେଥିପାଇଁ କେତେ ପ୍ରକାର ବ୍ୟବସ୍ଥା କରିଦେଲେଣି। ଚାଲ ତାଙ୍କ ସହିତ ମଇତର ବସିବା।



ODM EDUCATIONAL GROUP
Changing your Tomorrow

# ଲବ୍ଧଜ୍ଞାନ ର ଫଳାଫଳ

## ପଠନ ମାଧ୍ୟମ ରେ ଲବ୍ଧଜ୍ଞାନ ର ପରିପ୍ରକାଶ

# ଗୃହ କର୍ମ

ବିଷୟ କୁ ଭଲ ଭାବରେ ପଠନ କର

# THANKING YOU

# ODM EDUCATIONAL GROUP